# ବସନ୍ତ ଋତୁ ରଚନା

ଭାରତୀୟ ମାନେ "ଛ" ଗୋଟି ଋତୁ ଉପଭୋଗ କରିଥାନ୍ତି । ତନ୍ମଧ୍ୟରୁ ଶେଷତମ ଓ ସର୍ବୋତ୍ତମ ଋତୁଟି ହେଉଛି ବସନ୍ତ । ଏହା ଋତୁରାଜ ରୂପେ କଥିତ । ଋତୁରାଜ ବସନ୍ତ ଶୀତଋତୁ ଶେଷରେ ପୃଥିବୀ ପୃଷ୍ଠରେ ଉପସ୍ଥିତ ହୁଏ । ଶୀତଋତୁରେ ରୁକ୍ଷ , ନୀରସ ଓ ଶ୍ରୀହୀନ ଧରିତ୍ରୀ ନବ ବସନ୍ତର କୋମଳ ସ୍ପର୍ଶରେ ନବୀନ ଶ୍ରୀମଣ୍ଡିତ ହୁଏ । ପ୍ରାଣୀ ସମାଜ ଦୁଃଖକ୍ଲେଶରୁ ଅପୂର୍ବ ମାନସିକ ତୃପ୍ତି ଲାଭ କରନ୍ତି । ଏହି ପ୍ରସଙ୍ଗରେ ଭକ୍ତକବି ମଧୁସୂଦନ ରାଓ ଗାଇଛନ୍ତି –

ଆସଇ ବସନ୍ତ ଶିଶିର ଅନ୍ତେ

ଦିଶଇ ଧରଣୀ ଚାରୁ କେମନ୍ତେ

ସୌନ୍ଦର୍ଯ୍ୟ ରଙ୍ଗେ ଭାସଇ ମହୀ

ଭୁବନ ଆନନ୍ଦ କହି ନୁହଇ ।

ଯୁଗେ ଯୁଗେ ସକଳ ସନ୍ତାପହାରୀ ବସନ୍ତକୁ ସମସ୍ତେ ସ୍ୱାଗତ କରିଛନ୍ତି । ଫାଲଗୁନ ଓ ଚୈତ୍ର ଏହି ଦୁଇ ମାସ ବସନ୍ତ ଋତୁର ଅନ୍ତର୍ଗତ । କିନ୍ତୁ ବସନ୍ତ ଏହାର କିଞ୍ଚିତ ପୂର୍ବରୁ ଅନୁଭୂତ ହୋଇଥାଏ । ବସନ୍ତ ପଞ୍ଚମୀ ବା ମାଘଶୁକ୍ଳ ପଞ୍ଚମୀ ଠାରୁ ପ୍ରକୃତିରେ ବସନ୍ତର ଆବିର୍ଭାବ ଘଟିଥାଏ ।

ବସନ୍ତର ଆଗମନରେ ପ୍ରକୃତି ରାଜ୍ୟରେ ବିରାଟ ପରିବର୍ତ୍ତନ ଦେଖାଯାଏ । ଦକ୍ଷିଣ ଦିଗରୁ ମଳୟ ପବନ ବା ବସନ୍ତ ପବନ ବହେ । ବୃକ୍ଷରାଜି ନବ ପଲ୍ଲବରେ ମଣ୍ଡିତ ହୁଏ । ନାନା ରଙ୍ଗର ନାନା ଜାତିର ଫୁଲ ଜନମନ ହରଣ କରନ୍ତି । କାମିନୀ , କେତକୀ , ଗୋଲାପ , ନିଆଳି , ମାଳତୀ ଫୁଲର ମହକ ପବନରେ ଖେଳି ବୁଲୁଥାଏ । ରକ୍ତ ରଙ୍ଗର ପଳାଶ ଦୂରରୁ ଆହୁରି ମନୋହର ଦିଶେ । ପୁଷ୍କରିଣୀରେ ପ୍ରସ୍ଫୁଟିତ କମଳ ଢଳଢଳ ହୋଇ ନୃତ୍ୟ କଲାପରି ମନେ ହେଉଥାଏ ।

orissatimes.net

ମଧୁପ ଓ ମଧୁମକ୍ଷିକା ଦଳର ମଧୁ ଗୁଞ୍ଜନ ସର୍ବତ୍ର ଶୁଣିବାକୁ ମିଳେ । ବସନ୍ତ ଋତୁ କୋକିଳର କୁହୁରାବ ଅଶାନ୍ତ ଚିତ୍ତକୁ ଶାନ୍ତ କରେ । ହଳଦୀ ବସନ୍ତର ଡାଳକୁ ଡାଳ ଡେଇଁବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ।

ସୋରିଷ, ରାଶି, ପେଶୀ, ଚଣା, ମୁଗ ଆଦି ରବି ଶସ୍ୟରେ କେଦାର ପୁରୀ ଉଠିଥାଏ । ବସନ୍ତର ନବ ଛବି ସର୍ବତ୍ର ଦୃଷ୍ଟିଗୋଚର ହୁଏ । କବି ଏହି କମନୀୟ ଦୃଶ୍ୟରେ ମୁଗ୍ଧ ହୋଇ କବିତା ରଚନା କରେ । କବିକୁଳତିଳକ କାଳିଦାସଙ୍କ **"ଋତୁ ସଂହାର"** କାବ୍ୟରେ ବସନ୍ତର କମନୀୟ ଚିତ୍ର ଦେଖିବାକୁ ମିଳେ । ଉପେନ୍ଦ୍ରଭଞ୍ଜ ଓ ଜୟଦେବ ମଧ ବସନ୍ତ ଋତୁର ସୁନ୍ଦରତା ବର୍ଣ୍ଣନା କରି ଯାଇଛନ୍ତି । ବସନ୍ତର ଧରାବତରଣରେ କି ପ୍ରାଣୀ କି ଉଦ୍ଭିଦ ସମସ୍ତେ ଯେପରି ନବ ଜୀବନ ଧାରଣ କରନ୍ତି । ନୂତନ ଉତ୍ସାହ ଉଦ୍ଦୀପନା ଭିତରେ ମନୁଷ୍ୟ କର୍ମଚଞ୍ଚଳ ହୁଏ । ମଳିନ ଓ ଧୂସର ଶରୀର ସୁନ୍ଦର ଓ ଚିକ୍କଣ ଦିଶେ । ଖାଦ୍ୟପେୟର ଅଭାବ ନଥାଏ ।

ବସନ୍ତ ଋତୁକୁ ଉପଭୋଗ୍ୟ କରେ ଏ ଋତୁରେ ଅନୁଷ୍ଠିତ ପର୍ବପର୍ବାଣୀ ସମୂହ । ବସନ୍ତ ପଞ୍ଚମୀରେ ଛାତ୍ରଛାତ୍ରୀ ବୀଣାପାଣିଙ୍କର ଆରାଧନା କରନ୍ତି । ଶିବରାତ୍ରି , ଦୋଳ ପୂର୍ଣ୍ଣିମା , ହୋଲି, ଅଶୋକାଷ୍ଟମୀ ଓ ରାମ ନବମୀ ଆଦି ପର୍ବପର୍ବାଣୀ ଗୁଡିକ ଆନନ୍ଦ ଉତ୍ସାହ ମଧ୍ୟରେ ଧର୍ମପ୍ରାଣ ଜନତା ପାଳନ କରିଥାନ୍ତି । ପଞ୍ଚୁଦୋଳ , ସପ୍ତଦୋଳ , ଦଶ ଦୋଳ ଆଦି ଉତ୍ସବ ମାନଙ୍କରେ ଗ୍ରାମାଞ୍ଚଳ ମୁଖରିତ ହୋଇ ଉଠେ । ପୁରୀରେ ଶ୍ରୀଲୋକନାଥଙ୍କ ଶିବରାତ୍ରି ଯାତ୍ରା ଓଡିଶା ପ୍ରସିଦ୍ଧ । ଦଣ୍ଡନାଚ ଏ ଋତୁରେ ଅନ୍ୟତମ ଆକର୍ଷଣ । ଅନୁଧ୍ୟାନ କଲେ ଜଣାଯାଏ ଯେ ବାସନ୍ତୀୟ ପର୍ବପର୍ବାଣୀ ଗୁଡିକ ଯେଭଳି ଆନନ୍ଦପ୍ରଦ ସେଭଳି ମହତ୍ତ୍ୱପୂର୍ଣ୍ଣ ।

ଋତୁଚକ୍ରର ପରିବର୍ତ୍ତନରେ ବସନ୍ତ ମଧ ବିଦାୟ ନିଏ । କେହି ପୃଥିବୀ ପୃଷ୍ଠରେ ସ୍ଥିର ନୁହନ୍ତି । କବିବର ରାଧାନାଥଙ୍କ ଉକ୍ତିରେ –

**କେହି ରହିନାହିଁ ରହିବେ ନାହିଁଟି**

**ଭବରଙ୍ଗ ଭୂମି ତଳେ**

odishatimes.net

**ସର୍ବେ ନିଜ ନିଜ  ଅଭିନୟ ସାରି**

**ବାହୁଡିବେ କାଳ ବଳେ ।**

ଏଣୁ ବସନ୍ତକୁ ପ୍ରାଣୀ ସମାଜ ଦୁଃଖରେ ବିଦାୟ ଦେଇ ତାର ପୁନରାଗମନକୁ ପ୍ରତୀକ୍ଷା କରନ୍ତି ।

Read Also

- Grishma Ritu Essay in Odia
- Odishara Parba Parbani Essay in Odia
- Brukhya Ropana Essay in Odia
- Aranya Sampada Essay in Odia
- Read All: Odia Essay

orissatimes.net